ନାରୀନେତ୍ରୀ
ମାଳତୀ ଚୌଧୁରୀ



ରାଜ୍ୟ ଜନଶିକ୍ଷା ସାଧନ କେନ୍ଦ୍ର, ଓଡ଼ିଶା
ଜନଶିକ୍ଷା ଭବନ, ଭୁବନେଶ୍ୱର

Digitized by srujanika@gmail.com

ନାରୀନେତ୍ରୀ
ମାଳତୀ ଚୌଧୁରୀ

ରାଜ୍ୟ ଜନ ଶିକ୍ଷା ସାଧନ କେନ୍ଦ୍ର, ଓଡ଼ିଶା
ଭୁବନେଶ୍ୱର

Digitized by srujanika@gmail.com

ନାରୀନେତ୍ରୀ ମାଳତୀ ଚୌଧୁରୀ

ଲେଖିକା	:	ଅନ୍ନପୂର୍ଣ୍ଣା ମହାରଣା
ପ୍ରଥମ ସଂସ୍କରଣ		୧୯୯୭
ପ୍ରକାଶନ ସଂଖ୍ୟା	:	ଏସ୍.ଆର୍.ସି. ୧୯୧ - ୨୩/୯୭
ମୁଦ୍ରଣ ସଂଖ୍ୟା	:	ଦୁଇ ହଜାର
ପ୍ରକାଶକ ସତ୍ତ୍ୱାଧିକାରୀ	:	ଡଃ. ବିମଳେନ୍ଦୁ ମହାନ୍ତି, ନିର୍ଦ୍ଦେଶକ, **ରାଜ୍ୟ ଜନଶିକ୍ଷା ସାଧନ କେନ୍ଦ୍ର,** ଓଡ଼ିଶା, ଭୁବନେଶ୍ୱର - ୭୫୧ ୦୦୧
ମୁଦ୍ରଣ	:	ଓଡ଼ିଶା ରାଜ୍ୟ ପାଠ୍ୟ ପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା ଦ୍ୱାରା ନିସ୍ୱାସ, ଭୁବନେଶ୍ୱରରେ ମୁଦ୍ରିତ
ମୂଲ୍ୟ	:	ଟ ୩.୦୦

NARI NETRI
MALATI CHAUDHURI

Author	:	Annapurna Maharana
First Edition	:	1997
Publication No.	:	SRC - 191 -23/97
No. of Copies	:	2,000
Published by	:	Dr. Bimalendu Mohanty, Director, S.R.C., Orissa, Bhubaneswar - 751 001
Printed at	:	Through Orissa State Bureau of Text Book Preparation & Production at NISWASS, Bhubaneswar - 751 016
Price	:	Rs. 3.00

Digitized by srujanika@gmail.com

ମାଳତୀ ଚୌଧୁରୀ ଓ ସ୍ୱାମୀ ନବକୃଷ୍ଣ ଚୌଧୁରୀ

Digitized by srujanika@gmail.com

ନାରୀନେତ୍ରୀ
ମାଳତୀ ଚୌଧୁରୀ

ତିନି ବରଷର କୋଳପୋଛା ଝିଅ ମାଳତୀକୁ ଛେଉଣ୍ଡ କରି ବାପ କୁମୁଦନାଥ ସେନ୍ ଆଖି ବୁଜିଲେ । ଆହୁରି ଚାରିପୁଅ ଓ ଝିଅଟିଏ । ମାଳତୀର ମାଆ ସ୍ନେହଲତାଙ୍କୁ ଦଶଦିଗ ଅନ୍ଧାର ଦିଶିଲା । ହେଲେ, ତାଙ୍କଠେଇଁ ଥିଲା ପାଠର ବଳ । ଉଚ୍ଚ ଇଂରାଜୀ ବାଳିକା ବିଦ୍ୟାଳୟରେ ପାଠ ପଢ଼େଇ ସେ ଟଙ୍କା କମେଇ ପିଲାଙ୍କୁ ମଣିଷ କଲେ । କିନ୍ତୁ ଦୁଃଖ ପରେ ଦୁଃଖ । ପୁଣି ଦୁଇଟି ପୁଅ ମଧ ବାହୁଡ଼ି ଗଲେ ।

ପନ୍ଦର ବର୍ଷର ଝିଅ ମାଳତୀ ମନ ଲଗାଇ ପାଠ ପଢ଼ି ପ୍ରଥମ ଶ୍ରେଣୀରେ ମାଟ୍ରିକ୍ୟୁଲେସନ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲା । ସେତିକିବେଳେ ଆମ ଦେଶରେ ଆରମ୍ଭ ହେଲା ଗାନ୍ଧୀ ରୋଳ । ମହାତ୍ମା ଗାନ୍ଧୀ କହିଲେ - ବିଲାତ ସରକାର ଏ ଦେଶରୁ ଧନ ଲୁଟି ନେଉଛି । ଆମ ତନ୍ତୀ, ମୋଚି ଆଦି କାରିଗରଙ୍କୁ ବେକାର କରି ତା'ଦେଶ ତିଆରି ଲୁଗା, ଜୋତା ଆମକୁ ପିନ୍ଧାଉଛି । ଆମେ ସେ ଦେଶ ତିଆରି ଜିନିଷ କିଣିବା ନାହିଁ । ଆମ ଗାଁରେ ଘରେ ଘରେ ସୂତା କାଟି ଲୁଗା ବୁଣି ପିନ୍ଧିବା । ଆମ ଦରକାରୀ ଜିନିଷ ଆମେ ନିଜ ଦେଶରେ ତିଆରି କରିବା ଓ ବିଲାତି ସ୍କୁଲକଲେଜ, କଚେରୀର ପାଖ ମାଡ଼ିବା ନାହିଁ । ଆମ ପାଠଶାଳାରେ ପିଲାଏ ପଢ଼ିବେ । ଆମ ପଞ୍ଚାୟତ ଆମ କଳିରୋଳ ତୁଟାଇବ । ଏହାକୁ କୁହାଗଲା "ଅସହଯୋଗ ଆନ୍ଦୋଳନ" ।

ଗାନ୍ଧିଜୀଙ୍କ ଡ଼ାକରାରେ ପାଠ ଛାଡ

ମହାତ୍ମା ଗାନ୍ଧୀଙ୍କ ଡାକରାରେ ଦେଶ ପାଇଁ ଛାତ୍ରମାନେ ପାଠ ଛାଡିଲେ । ହାକିମ ଚାକିରି ଛାଡିଲେ । ଓକିଲ ମହକିଲମାନେ ଅଦାଲତ ଛାଡିଲେ । ଦେଶରେ ଲୋକେ ଦେଶୀ ପାଠଶାଳା, ବିଦ୍ୟାପୀଠ ଥାପିଲେ । ବିଲାତି ଲୁଗା ଛାଡି

Digitized by srujanika@gmail.com

ତନ୍ତୀବୁଣା ଲୁଗା ପିନ୍ଧିଲେ । ପଞ୍ଚାୟତ ଗଢ଼ି ମାଲି ମୋକଦମା ସେଇଠି ତୁଟେଇଲେ ।

ମାଳତୀ ମନକୁ ଏ ବିଚାର ଛୁଇଁଲା । ସେ କହିଲେ - ମୁଁ ଏ ସରକାରୀ କଲେଜରେ ପାଠ ପଢ଼ିବି ନାହିଁ । ପାଠୋଇ ମାଆ କହିଲେ- କ'ଣ ଅଧାପାଠୋଇ ହୋଇ ରହିବୁ ? ଅଧା ପାଠୁଆ ଲୋକେ ତ ଆଖି ଥାଇ ଅନ୍ଧ !

ସାରା ପୃଥିବୀରେ ଜଣେ ବଡ଼ କବି ହେଉଛନ୍ତି ରବୀନ୍ଦ୍ରନାଥ ଠାକୁର । ସେ ଗୋଟାଏ ପାଠଶାଳା ବସେଇଥାନ୍ତି - ଶାନ୍ତି ନିକେତନ । ସେଠି ସରକାରୀ ହୁକୁମତି ନାହିଁ । ରବୀନ୍ଦ୍ରନାଥ ମାଳତୀଙ୍କ ଅଜାଙ୍କର ସୂର୍ଯ୍ୟବନ୍ଧୁ । ବିଭାବ୍ରତରେ ଖୋଜାଖୋଜି ଚଳେ । ତାଙ୍କରି ସଂସ୍ଥା ଶାନ୍ତି ନିକେତନରେ ରହି ମାଳତୀ ପାଠ ପଢ଼ିଲେ, ଗୀତ ଶିଖିଲେ ସାତ ବର୍ଷ । ରବୀନ୍ଦ୍ରନାଥ ହେଲେ ତାଙ୍କ 'ଗୁରୁଦେବ' । ଗୁରୁଦେବ କିପରି ଗାଁର ଉନ୍ନତି ପାଇଁ ଗାଁ ଲୋକଙ୍କୁ ଶିକ୍ଷିତ - ଚଉ ଆଖିଆ କରିବା ପାଇଁ କାମ କରୁଥିଲେ, ସେ ସବୁ ମଧ୍ୟ ମାଳତୀ ଦେଖିଲେ ।

ବଙ୍ଗଳାର ଝିଅ ମାଳତୀ ବିଭା ହେଲେ ଓଡ଼ିଶାର ପୁଅ ନବକୃଷ୍ଣ ଚୌଧୁରୀଙ୍କୁ । ଏବେ ସେ ହେଲେ ମାଳତୀ ଚୌଧୁରୀ । ଦୁହେଁ ଜଗତସିଂହପୁର ଜିଲ୍ଲା ଅଣଖିଆ ପାଖରେ ବିଲୁଆଖାଇ ନଈକୂଳରେ ଚାଷ ଘର କରି ରହିଲେ । ୧୯୨୭ ମସିହାର କଥା । ସେ ଅଞ୍ଚଳରେ ଚାଷୀ ଇଟା ଗୁଡ଼ ତିଆରି, ପୋଟଳ ଚାଷ, ନଇନୀତାଳ ଆଳୁ, ପାଟେଣୀ ଆଳୁ ଚାଷ ଜାଣି ନଥିଲେ । ନବକୃଷ୍ଣ ଏ ଚାଷ କରି ଚାଷୀଙ୍କୁ ଚାଷ ଶିଖାଇଲେ । ଦିନରେ ଚାଷକାମ, ରାତିରେ ସ୍ୱାମୀ ସ୍ତ୍ରୀ ଦୁହେଁ ଗାଈଜଗା ପିଲାଙ୍କୁ ପାଠ ପଢ଼ାଇଲେ । ପାଣସାହି ଦାମା, କେଳା- -ସାହି ରସା, ରାଉତ ଘର ଅର୍ଜୁନି, ବ୍ରାହ୍ମଣ ପୁଅ ଦୀନବନ୍ଧୁ ଆହୁରି କେତେ

Digitized by srujanika@gmail.com

ପିଲା ଏକାଠି ବସି ପାଠ ପଢ଼ିଲେ । ସରସ୍ୱତୀଙ୍କ ଆସ୍ଥାନରେ ସବୁ ମଣିଷ ସମାନ । ସେଠି ପାଣ ବ୍ରାହ୍ମଣ ଭେଦ ନାହିଁ ।

ମାଳତୀଙ୍କ ପୋରୁହାଁ ଝିଅ ଉତ୍ତରା । ଉତ୍ତରାକୁ ଦୁଇ ବର୍ଷ ପୂରି ନଥାଏ, ଆରମ୍ଭ ହେଲା ଲୁଣମରା ଆନ୍ଦୋଳନ । ମହାତ୍ମାଗାନ୍ଧୀ କହିଲେ- ଆମ ଦେଶର ତିନି ପଟେ ସମୁଦ୍ର । ଅଥଚ ସରକାର ଆଇନ କରି ଲୋକଙ୍କୁ ଲୁଣ ମରେଇ ଦେଉନାହାନ୍ତି । ତାଙ୍କ ଦେଶରୁ ଲୁଣ ଆଣି ଆମ ଦେଶରେ ବିକୁଛନ୍ତି । ଆମ ଦେଶରେ ଗରିବଙ୍କର ତୋରାଣି ସାଙ୍ଗରେ ଲୁଣ ହେଉଛି ଜୀବନ ନାଟିକା । ଆମେ ଏ ଅନ୍ୟାୟ ଆଇନକୁ ମାନିବୁ ନାହିଁ । ଆମେ ଲୁଣ ମାରିବୁ । ସରକାର ଆମକୁ ଏଥିପାଇଁ ଯେଉଁ ଦଣ୍ଡ ଦେବ ସବୁ ସହିବୁ । ଆମେ ସତ କହିବୁ, ନିଶା ଖାଇବୁ ନାହିଁ, ଅଳସୁଆ ହେବୁନାହିଁ । ଏହା କହି ମହାତ୍ମା ଗାନ୍ଧୀ ନିଜେ ଲୁଣ ମାରି ଦେଶବାସୀଙ୍କୁ ଲୁଣ ମାରିବାକୁ କହିଲେ ।

ପଦ୍ମ ତୋଳା ଶୁଣି ଜାତିଆ ନାଗ ବିଳ ଛାଡି ବାହାରି ଆସିଲା ପରି ମାଳତୀ ନିଜର ଘରକରଣାକୁ ଜଳାଞ୍ଜଳି ଦେଇ ଲୁଣ ମାରିବାକୁ ବାହାରିଲେ । ବାଲେଶ୍ୱର ଜିଲ୍ଲାର ଇଞ୍ଚୁଡି, ଜଗତ୍‌ସିଂହପୁର ଜିଲ୍ଲାର କୁଜଙ୍ଗରେ ସେ ଗାଁ ଗାଁ ବୁଲି ଲୋକଙ୍କୁ ଲୁଣମରା କଥାଟା ବୁଝେଇଲେ । ପୁରୁଷମାନେ ଶହ ଶହ ସଂଖ୍ୟାରେ ଲୁଣ ମାରିଲେ ।

'' ଆସରେ ଆଜି ଆସ

ଦରିଆ ଦଖଲ କରିଯିବ କିଏ ଆସ''......................

.........ନାଦରେ ଗଗନ ପବନ ଥରିଲା । ଶହ ଶହ ଝିଅ ବୋହୂ ଘରକୋଣରୁ ବାହାରି ଆସି ଶଙ୍ଖ ବଜେଇ ହୁଳୁହୁଳି ଦେଇ ସମୁଦ୍ର ପଠାରେ ଲୁଣ ମାରିଲେ ।

Digitized by srujanika@gmail.com

କବି ଗୀତ ଲେଖିଲେ -

''ଶୁଣି ଯେ ତରଲ ମେଘ ଘଡଘଡି
ବାହାରି ନ ଥିଲା ଘରୁ ଗୋଡ କାଢ଼ି
ସେହି ନାରୀ ଆଜି ସମୁଦ୍ର ପଟାରେ
ଲୁଣ ଲାଗି ଜାଳ ଭାଙ୍ଗୁଛି ।
ଶୟନେ ସ୍ୱପନେ କିବା ଜାଗରଣେ
ସେହି ଗାନ୍ଧୀ କଥା ଭାବୁଛି
କି ମନ୍ତର କଲା ସଭିଙ୍କୁ ଟାଣିଲା
ବଡ଼ ଆଚମ୍ବିତ ଲାଗୁଛି ....''।

ଲୋକେ ଥାଟ ପଟାଳି ଭାଙ୍ଗୁଥାନ୍ତି । ପୁଲିସ୍ ତାଟକା ହୋଇ ଚାହିଁଥାଏ ।

ପୁଣି ଗାନ୍ଧିଜୀ କହିଲେ - ମଦ, ଗଞ୍ଜେଇ, ଅଫିମ ଖାଇ ଆମ ଦେଶ ଲୋକେ ଜଡ ହୋଇ ଯାଉଛନ୍ତି । ସେମାନଙ୍କର ନ୍ୟାୟ ଅନ୍ୟାୟ ଜ୍ଞାନ ରହୁନାହିଁ, ଯାହା କମଉଛନ୍ତି ନିଶାପାଣିରେ ସବୁ ପଇସା ଯାଉଛି । ଘରେ ସ୍ତ୍ରୀ ପିଲା ଲୋକ ଉପାସରେ ରହି ଖାଉଛନ୍ତି ମାଡ ଗାଳି । ଏ ନିଶାଖିଆ ବନ୍ଦ କରିବାକୁ ହେବ । ଭଉଣୀମାନେ ମଦଭାଟି ଆଗରେ ଛିଡା ହୋଇ ଲୋକଙ୍କୁ ମଦ ନଖାଇବାକୁ ବୁଝାନ୍ତୁ । ଲୋକେ କହିଲେ - ମହାତ୍ମାଜୀ ! ମଦଖଟିରେ ମଦୁଆଙ୍କ ମେଳା ! ସେଠାକୁ ଗଲେ ଭଉଣୀମାନଙ୍କର ଇଜ୍ଜତ ମହତ ରହିବ ନାହିଁ। ଗାନ୍ଧିଜୀ କହିଲେ- ଯେଉଁଠି ପାପ ଅନ୍ଧକାର ଘୋଟି ଥାଏ, ପୁଣ୍ୟର ତେଜରେ ସେ ଅନ୍ଧାର ହଟେ । ମା'ଭଉଣୀଙ୍କଠାରେ ଯେଉଁ ପୁଣ୍ୟର ଜ୍ୟୋତି ଅଛି, ସେହି ଜ୍ୟୋତିରେ ପାପ ଅନ୍ଧକାର ହଟିବ ।

Digitized by srujanika@gmail.com

ମହାତ୍ମା ଗାନ୍ଧୀଙ୍କ ଭାରିଜା କସ୍ତୁରବାଈ । ସେ ନିଜେ ଗାଁଏଁ ଗାଁଏଁ ବୁଲି ଭଉଣୀମାନଙ୍କୁ ଏକଜୁଟ କରି ନିଶାବନ୍ଦୀ କାମ କଲେ । ପୁଲିସ୍ ତାଙ୍କୁ ବାର ହାନସ୍ତା କଲେ । ଗାଁରେ ପୂରେଇ ଦେଲେ ନାହିଁ । କସ୍ତୁରବାଈ ଗଛରେ ଶିକା ଝୁଲେଇ ହାଣ୍ଡି ରଖି ଗଛମୂଳକୁ ଆଶ୍ରା କରି ରହି ନିଶା ନିବାରଣ କାମ କଲେ । ଆମ ଓଡ଼ିଶାରେ ମାଳତୀ ଚୌଧୁରୀ ମଦ ଦୋକାନ ଆଗରେ ଧାରଣା ଦେଇ ଲୋକଙ୍କୁ ନିଶା ଛାଡ଼ିବାକୁ ବୁଝାଇଲେ । ତାଙ୍କ ଦେଖାଦେଖି ଜଞ୍ଜାଳୀ, ସୁନ୍ଦରମଣି, କେତେ ପୁଅ ଝିଅ ମଦଖଟି ଆଗରେ ଧାରଣା ଦେଲେ । ପୁଲିଶ୍ ସେମାନଙ୍କୁ ଗିରଫ କଲେ, ବେତମାଡ ଦେଲେ, ମାତ୍ର ଲୋକେ ଏ ଡରାଣରେ ଡରିଲେ ନାହିଁ । ଓଲଟି ଗୀତ ବୋଲିଲେ --

''ତୁମେ ମାର କେତେ ବେତ ମାରିବ
ଦେଶ ଲାଗି ଆମ ଜୀବନ ଦେଇଛୁ
ତୁମେ କି ଆମକୁ ପାରିବ

ଆମେ ଡରୁନାହିଁ ମରଣେ
ମନ ପ୍ରାଣ ଦେଇଅଛୁ
ବିଭୁ ଚରଣେ

ତୁମ ଆମ କଥା
ତାଙ୍କ ମିଶଲରେ
ଦିନେ ତ ବିଚାର ହୋଇବ ।

Digitized by srujanika@gmail.com

ତୁମେ ଶୁଣିଥିବ କର୍ଣ୍ଣେ
କୋରାନ୍ ଅବା ବେଦ
ବାଇବେଲ୍ ପୁରାଣ

ମଦରେ ମୁକତି
ଲେଖା ଅଛି କାହିଁ
ଆମକୁ ଫିଟାଇ କହିବ.....''

ପ୍ରଥମ ଜେଲ ବରଣ

ମାଳତୀଚୌଧୁରୀଙ୍କୁ ଗିରଫ କରାଗଲା ୧୯୩୦ ମସିହା ସେପ୍ଟେମ୍ବର ୨୦ ତାରିଖରେ । ଦୁଇ ବର୍ଷ ଚାରିମାସର ଝିଅ ଉତ୍ତରାକୁ କୋଳରେ ଧରି ସେ ବନ୍ଦୀଶାଳାରେ ପଶିଲେ । ତାଙ୍କୁ ଛଅମାସ ସଜା ହେଲା ।

ମାଳତୀ ଚୌଧୁରୀଙ୍କୁ ଝିଅ ସହିତ ପଠାହେଲା ଭାଗଲପୁର ସେଣ୍ଟ୍ରାଲ ଜେଲକୁ । ସେଥିକୁ ତାଙ୍କର ଖାତର ନଥାଏ । ଜେଲ୍ ଖୁଆଡରେ ବସି ସେ ବୋଲନ୍ତି-

''ଜେଲଖାନା ଆମ ମୁକତି ମଣ୍ଡପ
ହାଜତ ଧରମଶାଳା
ଚବିଶ ପ୍ରହରୀ କୀର୍ତ୍ତନ ଗାଉଛି,
ଗାଉଛି ସ୍ୱରାଜ୍ୟ ପାଳା ହେ

ଲୁହାବାଡ ମଧ୍ୟେ ଛନ୍ଦି ,
ଆମ ମନ ତ ନୁହଇ ବନ୍ଦୀ ହେ
ଲୁହାବାଡ ମଧ୍ୟେ ଛନ୍ଦି

Digitized by srujanika@gmail.com

(ଆମ) ସୁନା ଶରୀରକୁ
ଚୂନା କରିବ କେ
ଆମେ ପ୍ରହଲ୍ଲାଦ ବଂଶ

ତ୍ରେତୟାରେ ଆମେ ରାବଣ ନାଶିଲୁ
ଦ୍ୱାପରେ ନାଶିଲୁ କଂସ
ହେ ଆମେ ଚଇତନ ଭକ୍ତ....''

ଜେଲ ଜୋରିମାନା, ଲାଠି ପାହାର, ବେତମାଡ ଜମି କୋରକ ଆଦି କୌଣସି ଅତ୍ୟାଚାରକୁ ଲୋକ ଡରୁ ନଥିବାର ଦେଖି ସରକାରଙ୍କ ବୁଦ୍ଧି ବଣା ହୋଇଗଲା । ଆମ ଦେଶରେ ଲୋକେ ବିଲାତି ଲୁଗା ବିଲାତି ଦ୍ରବ୍ୟ ନ କିଣିବାରୁ ବିଲାତରେ ଲକ୍ଷ ଲକ୍ଷ ଲୋକ ବେକାର ହେଲେ । ପୁଣି ନିରସ୍ତ୍ର ଲୋକଙ୍କ ଉପରେ ବିଲାତ ସରକାରଙ୍କ ଅତ୍ୟାଚାର ଦେଖି ପୃଥିବୀର ଅନେକ ଦେଶର ଲୋକେ ସରକାରକୁ ଛି'ଛାକର କଲେ । ଶେଷରେ ବଡ଼ଲାଟ୍, ଆମ ଦେଶ ପକ୍ଷରୁ ମହାତ୍ମା ଗାନ୍ଧୀଙ୍କ ମଧରେ ସନ୍ଧି ହେଲା । ଅତ୍ୟାଚାର ବନ୍ଦ ହେଲା । ଲୋକେ ଲୁଣ ମାରିବା ଅଧିକାର ପାଇଲେ । ସତ୍ୟାଗ୍ରହୀମାନଙ୍କୁ ଜେଲରୁ ଖଲାସ କରାଗଲା । ମାଳତୀ ଚୌଧୁରୀ ମଧ ମୁକୁଳିଲେ ।

ସନ୍ଧି ହେଲା ବୋଲି କ'ଣ ବସିବା କଥା ! ମୂଳ ଲକ୍ଷ୍ୟ ସ୍ୱରାଜ୍ୟ ତ ହାସଲ ହୋଇନାହିଁ । ମାଳତୀ ସାରା ଓଡ଼ିଶା ବୁଲି ସ୍ୱରାଜ୍ୟ ବାର୍ତ୍ତା ଲୋକଙ୍କୁ ଶୁଣାଇଲେ । ଝିଅମାନଙ୍କୁ ଏକାଠି କରି ଡ୍ରିଲ, ପତାକା ଉତ୍ତୋଳନ ଶିଖାଇଲେ । ସେହି ବର୍ଷ ତାଙ୍କର ଏକମାତ୍ର ପୁଅ ବିନାୟକ ଜନ୍ମଗ୍ରହଣ କଲା ।

ଏ ସନ୍ଧି ହେବାର ଦଶ ମାସ ନ ପୂରୁଣୁ ପୁଣି ସରକାର ସଙ୍ଗେ ଲଢ଼େଇ

Digitized by srujanika@gmail.com

ଆରମ୍ଭ ହୋଇଗଲା । ସେହି ଲୁଣମରା , ବିଲାତି ପଦାର୍ଥ ବର୍ଜନ, ନିଶା ନିବାରଣ କାମ ପୁଣି ଆରମ୍ଭ ହେଲା । ଏଥର ମାଳତୀ ଚୌଧୁରୀଙ୍କୁ ବନ୍ଦୀ କରି ସରକାର ରଖିଲେ ହଜାରିବାଗ୍ ଜେଲ୍‌ରେ । କୋଳରେ ତାଙ୍କର ଚାରିମାସର ପୁଅ ଥାଏ । ସେହି ଜେଲ୍‌ରେ ବନ୍ଦୀ ହୋଇ ରହିଥାନ୍ତି ତାଙ୍କ ସ୍ୱାମୀ ନବକୃଷ୍ଣ ଚୌଧୁରୀ, ଦେଢ଼ଶୁର ଗୋପବନ୍ଧୁ ଚୌଧୁରୀ, ପୁତୁରା ମନମୋହନ ଓ ବଡ଼ ଯାଆ ରମାଦେବୀ । ପୁରୁଷ ସ୍ତ୍ରୀଙ୍କର ଅଲଗା ଅଲଗା ଖୁଆଡ । ଦେଖା ସାକ୍ଷାତ୍ ହୁଏ ପନ୍ଦର ଦିନରେ ଥରେ । ପନ୍ଦର ମିନିଟ୍, ଦୁହିଁଙ୍କ ମଝିରେ କୁର୍ସିରେ ବସିବେ ଜେଲ୍ ହାକିମ ।

ଜେଲ୍ ମିଆଦି ପୂରିଲା । ମାଳତୀ ପଦାକୁ ଆସି ଜାଣିଲେ ଏ ଦେଶରେ ଛୁଆଁ ଅଛୁଆଁ ଭେଦ ଉଠାଇ ଦେବାକୁ ମହାତ୍ମା ଗାନ୍ଧୀ ଅନଶନ କରିଛନ୍ତି । ସେ କହୁଛନ୍ତି, ଆମ ଧର୍ମରେ ଛୁଆଁଛୁଇଁ ଭେଦ ନାହିଁ । ଓଲଟା ଭାଗବତ କହିଛନ୍ତି -

''ସକଳ ଘଟେ ନାରାୟଣ
ବସନ୍ତି ଅନାଦି କାରଣ''

ଯେଉଁ ଘଟରେ ନାରାୟଣ ବିରାଜମାନ, ସେହି ଘଟକୁ ଅସ୍ପୃଶ୍ୟ ମଣିବା କେଡ଼େ ପାପ ! ଏ ପାପ ଦୂର ନହେଲେ ହିନ୍ଦୁଧର୍ମ ନାଶ ଯିବ । ମାଳତୀ ଅସ୍ପୃଶ୍ୟତା ନିବାରଣ କାମରେ ଲାଗି ପଡ଼ିଲେ । ଗ୍ରାମେ ଗ୍ରାମେ,ନଗରେ ନଗରେ ଗୀତ ଶୁଭିଲା -

ଏ ପୁଣ୍ୟ ଭୂଇଁରେ ଅଛୁଆଁ ଶବଦ ଶୁଣା ନାହିଁ ଆଉ ଭାଇରେ
ଅଧମ କୁକୁରଠାରୁ କେଉଁ ହୀନ ମନୁଷ୍ୟ ଜାତି ନୁହଁଇରେ ।

Digitized by srujanika@gmail.com

ସେ ଯେ ନର ନାରାୟଣ
ନ ଛୁଇଁଣ ତାକୁ କଲ ଯେତେ ପାପ
କର ପ୍ରାୟଶ୍ଚିତ୍ତ ଦାନ ହୋ ସେ ଯେ ......''

ପୁଣି ବିଚାର ଆସିଲା - ଚାଷୀ ମୂଲିଆ ହେଉଛନ୍ତି ଆମ ସମାଜର ମୂଳଦୁଆ, ଅନ୍ନଦାତା । ଜମିଦାର, ମହାଜନ ତାଙ୍କୁ ନାନା ପ୍ରକାରେ ଦୁଃଖ ଦେଉଛନ୍ତି । ଜମିଦାର ଘରେ ବେଠି ଖଟିବା, ପୂଜିଅ ପରବ ବିଭାବ୍ରତରେ ଜମିଦାରଙ୍କୁ ଭେଟି ଦେବା, ନିରୀହ ପ୍ରଜାଙ୍କ ବାଡ଼ି ବଗିଚା ଫଳ, ଗଡିଆ ମାଛ ପ୍ରଜା ଭୋଗ ନ କରି ଜମିଦାରଙ୍କୁ ଦେବା ଆଦି କେତେ ଅନ୍ୟାୟ ଚାଷୀ ମୂଲିଆ ଭାଇମାନେ ସହୁଛନ୍ତି । ଏ ଅନ୍ୟାୟ ଦୂର କରିବା ପାଇଁ ମାଳତୀ ସ୍ୱାମୀଙ୍କ ସାଙ୍ଗରେ ଅଣ୍ଟା ଭିଡିଲେ । କେତେ ସାଥୀ ମିଶି କୃଷକ ସଂଘ ଗଢ଼ିଲେ । ଚାଷୀମୂଲିଆଙ୍କ ମଧ୍ୟରେ ଚେତନା ଆଣିବା ପାଇଁ ନିଜ ଗହଣା ବିକ୍ରି କରି ସେହି ଟଙ୍କାରେ 'ସାରଥୀ'ପତ୍ରିକା ବାହାର କଲେ । ଆଖର ଏ ବେଠି ଭେଟି, ଗଛ ମାଛ ପ୍ରଥା ରଦ୍ଦ ହେଲା ।

ଆମ ଦେଶରେ ପୂର୍ବେ ମୋଗଲ ବନ୍ଦୀ ଓ ଗଡଜାତରେ ଅଲଗା ଅଲଗା ଶାସନ ଚାଲୁଥିଲା । ଗଡଜାତରେ ରାଜା ରାଜୁଡା ଶାସନ । ମୋଗଲବନ୍ଦୀରେ ବିଲାତ ସରକାରଙ୍କ ଶାସନ । କିନ୍ତୁ ବିଲାତ ସରକାର ଏ ରାଜାମାନଙ୍କୁ ନିଜ ଆୟତ୍ତରେ ରଖିଥାନ୍ତି । ଏ ରଜା ସୁଧାର ହେଲେ ପ୍ରଜାସୁଖୀ । ରାଜା ଦୁର୍ବଳ ହେଲେ ପ୍ରଜାଙ୍କ ଦୁଃଖର ଗାଆଣୀ ଗାଇଲେ ସରିବ ନାହିଁ । ବେଠି ଖଟେଇ, ନାନା ପ୍ରକାର ଖଜଣା ଟିକସ ବସେଇ ପ୍ରଜାଙ୍କୁ ଏ ଦୁର୍ଜନ ରାଜା ତଳିତଳାନ୍ତ କରଦିଅନ୍ତି । ତାହା ସାଙ୍ଗକୁ ପୁଣି ଝିଅବୋହୂଙ୍କ ଉପରେ କୁଦୃଷ୍ଟି ।

Digitized by srujanika@gmail.com

ପ୍ରଜାମଣ୍ଡଳ ଆନ୍ଦୋଳନ

ଏ ପ୍ରଜାଙ୍କ ଦୁର୍ଦ୍ଦଶା ଦେଖି ମାଳତୀ ରାଜାଙ୍କ ବିରୋଧରେ ଲଢ଼ିବାକୁ ମନ କଲେ । ସାଥୀ ହେଲେ ସ୍ୱାମୀ ନବକୃଷ୍ଣ, ସ୍ୱନାମଧନ୍ୟ ସାରଙ୍ଗଧର, ମହେଶ୍ୱର ସୁବାହୁ ସିଂହ - ଆହୁରି ହେତେ କର୍ମୀ । ପ୍ରଜାଏ ପ୍ରଜାମଣ୍ଡଳ ଗଢ଼ି ରାଜାଙ୍କ ନିକଟରେ ସୁଶାସନ ଦାବୀ କଲେ । ରାଜା ପ୍ରଜାମଣ୍ଡଳ କର୍ମୀଙ୍କୁ ମାଡ ମାରିଲେ, ଜେଲ୍ ଦେଲେ, ହାତୀ ଲଗେଇ ତାଙ୍କ ଘର ଭାଙ୍ଗି ଦେଲେ । ଗୋରା ଫଉଜ ଆଣି ଗାଁକୁ ଗାଁ ଲୁଟି କଲେ । ଢେଙ୍କାନାଳ ରାଜା ଗୋରା ଫଉଜ ଆଣିଲେ ଗଡ ଜଗିବାକୁ । ଢେଙ୍କାନାଳରେ ବ୍ରାହ୍ମଣୀ ନଈ । ପ୍ରଜାମଣ୍ଡଳ ନିଷ୍ପତ୍ତି କଲା ଏ ଫଉଜକୁ କେହି ଡଙ୍ଗା ପାରି କରେଇ ଦେବା ନାହିଁ । ବାର ବରଷର ନାଉରୀ ପୁଅ ବାଜି ଘାଟ ଜଗି ଥିଲା । ସେ ଫଉଜକୁ ପାରି କରିବାକୁ ମନା କରିଦେଲା । ଫଉଜ ତାକୁ ଗୁଳିରେ ଲାଛି ଦେଲେ । ଧନ୍ୟ ସେ ବାଜି ରାଉତ । ଗାଁ ଗହଳରେ ପିଲାଏ ବୋଲୁଛନ୍ତି ଏବେ ବି -

''ମେଳ ବାନ୍ଧିଲେ ରାଇଜ ଲୋକ
ରଜା ଦେଲାଣି ବହୁତ ଦୁଃଖ
ନଦେବା ତାକୁ କର
ଆମ ରାଇଜ ଆମେ ବୁଝିବା ନ ଥିବ ଭୟ

ରଜା ସଇନ ଅଇଲେ ମାଡି
ଘୋଡ଼ାରେ ଚଢ଼ି ଧାଡ଼ିକି ଧାଡ଼ି
ଦେଖିଲେ ଆମ ନଈ
ଡାକିଲେ ଟାଣେ ପାରି କରିଦେ ଯିବୁ ସେପାରି ଧାଇଁ

Digitized by srujanika@gmail.com

ବାଜିଆ ନାମେ ନାଉରୀ ପିଲା
ରାତି ଅଧରେ ନାହାରେ ଥିଲା
କହିଲା ନାହିଁ ନାହିଁ ।

ତୁମେଟି ପରା ରଜାର ଲୋକ
କେବେଁ ଛାଡ଼ିବି ନାହିଁ ।

ଏକୁଟିଆ ସେ ଅନ୍ଧାର ରାତି
ପଥର କରି କଅଁଳ ଛାତି
ସାହସେ କହେ ବାଜି
ମରିବି ପଛେ ଡ଼ରିବି ନାହିଁ,
ଡରିବା ବଡ଼ ଲାଜ ।

ରଜା ସଇନ ହେଲେ ଗରମ
ବାଜି କଥାରେ ଜଳେ ମରମ
ମାଇଲେ ତାକୁ ଗୁଳି
ରାତି ଅଧରେ ନଈ କୂଳରେ
ପଡ଼ିଲା ବାଜି ଟଳି

ଦେଶପାଇଁ ସେ ଦେଲା ଜୀବନ
ଏତିକି ଟାଣ ବାଳୁତ ମନ
ତା ହସ ହସ ମୁହଁ
ଲୁଚିଯାଇଛି କଥା ରହିଛି
(ସେ ତ) ବୀର ଓଡ଼ିଆ ପୁଅ ।

Digitized by srujanika@gmail.com

କୋଳପୋଛା ଝିଅ କୃଷ୍ଣାକୁ ଧରି ମାଳତୀ ଚୌଧୁରୀ ଗଡ଼ଜାତମାନଙ୍କରେ ବୁଲି ରଜାଙ୍କ ଅତ୍ୟାଚାର ବିରୋଧରେ ପ୍ରଜାଙ୍କୁ ସଂଗଠିତ କଲେ । ପ୍ରଜାମଣ୍ଡଳ ଗଢ଼ା ଚାଲିଲା । ରାଜାଙ୍କ ଅତ୍ୟାଚାର ବଢ଼ିଲା । ଗାଁଏଁ ଗାଁଏଁ ଗୀତ ଶୁଭିଲା -

"ଭାଇ ! ମାର ତୁ ଯେତେ ଗୁଳି
ମରିବୁ ପଛେ ଡ଼ରିବୁ ନାହିଁ ଯାଆନା ଏହା ଭୁଲି
ମାର୍‌ ତୁ ଲାଠି କାଠର ଲାଠି ହାଡ଼ର ଆମ ଛାତି
ମରଣ ଆମ ମୈତ୍ର ଜାଣ କଷଣ ଆମ ସାଥୀ "

ଆଖର ପ୍ରଜା ପାଖରେ ରାଜବଳ ନଇଁଲା । ପ୍ରଜା ଜୟୀ ହେଲେ ।

ପୁଣି ଆସିଲା ୧୯୪୨ର ଭାରତ ଛାଡ ଆନ୍ଦୋଳନ । ଗୋରା ସରକାରଙ୍କୁ ଭାରତ ଛାଡି ଚାଲିଯିବାକୁ ଡାକରା ଦିଆଗଲା । ଏଥର ଲଢ଼େଇର ପଣ "କର ନଚେତ୍‌ ମର" । ଏ ଜୀବନ ମୁରୁଛା ଲଢ଼େଇରେ ଲକ୍ଷ ଲକ୍ଷ ସଂଖ୍ୟାରେ ଲୋକ ଗିରଫ ହେଲେ, ହଜାର ସଂଖ୍ୟାରେ ଲୋକେ ଗୁଳି ମାଡ଼ ଖାଇଲେ । ଆକାଶରୁ ଉଡାଜାହାଜ ମେସିନ୍‌ଗନ୍‌ ଚଳାଇ ଲୋକଙ୍କୁ ସରକାର ଡରାଇଲେ । ମାଳତୀ ଚୌଧୁରୀ ଏହି ଆନ୍ଦୋଳନ ଚଳେଇ ଗିରଫ ହୋଇ ଅଟକବନ୍ଦୀ ହେଲେ । ସ୍ୱାମୀ ନବକୃଷ୍ଣ, ପନ୍ଦର ବର୍ଷର ଝିଅ ଉତ୍ତରା ମଧ୍ୟ ହେଲେ ଅଟକବନ୍ଦୀ । ଟିକି ଝିଅ କୃଷ୍ଣା ସୁଦ୍ଧା ପୁଲିସ୍‌ ଦେଖିଲେ କହିଲା - 'ଏକ୍‌ ଦୋ ଲାଲ୍‌ ପଗ୍‌ଡି ପେଙ୍କ୍‌ ଦୋ',ଜେଲ୍‌ ଖୁଆଡରେ ବସି ମାଳତୀ ଗୀତ ବୋଲନ୍ତି -

Digitized by srujanika@gmail.com

"ମୋରା ଭୟ କରବୋନା
ଦୁବେଲା ମରାର ଆଗେ ମର୍‌ବୋନା ଭାଇ ମର୍‌ବୋନା"।

ଏଇଟା ତାଙ୍କର ଗୁରୁମନ୍ତ୍ର।

୧୯୪୭ ମସିହା ଅଗଷ୍ଟ ମାସ ପନ୍ଦର ତାରିଖରେ ଆମେ ସ୍ୱାଧୀନ ହେଲୁ । ବିଲାତି ସରକାର ବିଦା ହୋଇଗଲେ । ଗଲାବେଳେ ଖଳବଟିଏ ପୂରେଇଦେଇ ଗଲେ । ଭାରତ ପାକିସ୍ତାନ ଭାଗ ଭାଗ ହେଲା । ମହାତ୍ମା ଗାନ୍ଧୀ ଯେତେ ବିରୋଧ କଲେ କେହି ତାଙ୍କ କଥା କାନରେ ପୂରାଇଲେ ନାହିଁ। ଭାରତ ଭାଗ ଭାଗ ହେବାରୁ ଆମ ଦେଶରେ ବହୁତ ହଣାକଟା ହେଲା । ଭାଇ ଭାଇ ମଧ୍ୟରେ ଏ ହଣାକଟା ବନ୍ଦ କରିବାକୁ ଗାନ୍ଧିଜୀ ନୂଆଖାଲି ଯାଇ ଖାଲି ପାଦରେ ଗାଁଏ ଗାଁଏ ବୁଲି ଦୁଃଖୀଜନଙ୍କ ଲୁହ ପୋଛିଲେ । ଦୁର୍ଜନଙ୍କୁ ପାଖକୁ ଟାଣି ଭଲବାଟକୁ ଆଣିଲେ। ସେତେବେଳେ ମାଳତୀ ଶାସନ ବିଧାୟକ ସଭାର ସଦସ୍ୟ ହୋଇ ଆମ ଦେଶ ପାଇଁ ସମ୍ବିଧାନ ଗଢ଼ିବାରେ କାନ୍ଧ ଲଗେଇ ଥିଲେ । ସେ ଆସି ବୁଲିଲେ ଗାନ୍ଧିଜୀଙ୍କ ସାଙ୍ଗରେ ନୂଆଖାଲିରେ। ଦିଲ୍ଲୀର ସୁଖ ସୁବିଧା ତାଙ୍କୁ ପିତା ଲାଗିଲା । ଗାନ୍ଧିଜୀଙ୍କ ନିର୍ଦ୍ଦେଶରେ ସେ ମଣିଷ ମାରିଥିବା ଦୁର୍ଜନଙ୍କ ଘରେ ରହି ସେମାନଙ୍କୁ ସ୍ନେହ ପ୍ରୀତିରେ ବାନ୍ଧି ହୋଇ ରହିବା ବିଚାର ଶୁଣାଉଥିଲେ ।

ବାଜିରାଉତ ଛାତ୍ରାବାସ ଏବଂ ନବଜୀବନ ମଣ୍ଡଳ

ନୂଆଖାଲିରୁ ଫେରି ମାଳତୀଙ୍କୁ ଗୋଟିଏ ଚିନ୍ତା ଘାରିଲା । ଦେଶ ତ ସ୍ୱାଧୀନ ହେଲା । କିନ୍ତୁ ବଣ ପାହାଡ ଉହାଡରେ ରହିଥିବା ଆଦିବାସୀଙ୍କ ଦଶା ତ ଫେରିଲା ନାହିଁ। ସେମାନେ ତ ସ୍ୱାଧୀନ ଭାରତରେ ସୁଦ୍ଧା ସାହୁକାର ମହାଜନ

Digitized by srujanika@gmail.com

ଆଦିଙ୍କ ଗଞ୍ଜଣା ସହି ଦିନକୁ ଦିନ ତଳିତଳାନ୍ତ ହେବାରେ ଲାଗିଛନ୍ତି । ମାଳତୀ ଶାସନ ବିଧାୟକ ସଭାର ସଦସ୍ୟ ପଦରୁ ଇସ୍ତଫା ଦେଇ ଲାଗିଗଲେ ଆଦିବାସୀଙ୍କ ସେବାରେ । ଦିନ ରାତି ସେହି ଆଦିବାସୀଙ୍କ ଚିନ୍ତା । ତାଙ୍କ ପିଲାଙ୍କ ଶିକ୍ଷା ପାଇଁ ଥାପିଲେ 'ବାଜି ରାଉତ ଛାତ୍ରାବାସ' । ଉତ୍ତରା, କିରଣ, ପାର୍ବତୀ, ବାବାଜୀ ଭାଇ, ଦିବାକର, ଋଷି ବେହେରା ଆଦି ହେଲେ ତାଙ୍କର କର୍ମୀ । ୧୯୪୬ ମସିହା ମେ ମାସ ୧୧ ତାରିଖରେ ଏହି ଛାତ୍ରାବାସ ସ୍ଥାପିତ ହେଲା । ଗଡ଼ଜାତ ରଜାଙ୍କ ଅତ୍ୟାଚାର ବିରୋଧରେ ଯେଉଁ ସାହସୀ ଲୋକମାନେ ଆନ୍ଦୋଳନ କରିଥିଲେ ଓ ସେଥିପାଇଁ ଜେଲ୍ ଜୋରିମାନା ଆଦି ନାନା ଦଣ୍ଡ ସହିଥିଲେ ସେହିମାନଙ୍କ ପୁଅଝିଅ ଓ ଆଦିବାସୀ ଅଞ୍ଚଳର ପିଲାଏ ଏହି ଛାତ୍ରାବାସରେ ରହିଲେ ।

ପୁଣି ଗଢ଼ାହେଲା ଉତ୍କଳ ନବଜୀବନ ମଣ୍ଡଳ ୧୯୪୮ ମସିହା ଅକ୍ଟୋବର ୧୫ ତାରିଖରେ । ସର୍ବଶ୍ରୀ ସାରଙ୍ଗଧର ଦାସ, ଈଶ୍ୱରଲାଲ ବ୍ୟାସ, ରାଜକୃଷ୍ଣ ବୋଷ, ଆଚାର୍ଯ୍ୟ ହରିହର, ଗୋପବନ୍ଧୁ ଚୌଧୁରୀ, ଉପେନ୍ଦ୍ର ମହାପାତ୍ର, ରମାଦେବୀ ପ୍ରମୁଖ ଆଦିବାସୀଙ୍କ ଉନ୍ନତି ପାଇଁ ମେଣ୍ଟ ବାନ୍ଧି ଏ ଅନୁଷ୍ଠାନଟି ଗଢ଼ିଲେ । ଓଡ଼ିଶାର ଆଦିବାସୀ ଅଞ୍ଚଳରେ ଏ ଅନୁଷ୍ଠାନ ସେହିଦିନୁଁ କାମ କରି ଚାଲିଛି । ଆଦିବାସୀଙ୍କୁ ରୋଗମୁକ୍ତ କରିବାକୁ, ପାଠ ପଢ଼ାଇବାକୁ, ଆଦିବାସୀମାନେ ସହୁଥିବା ଅନ୍ୟାୟ ଅତ୍ୟାଚାରର ମୁକାବିଲା କରିବା ପାଇଁ କେତେ ଭଉଣୀଙ୍କୁ ତାଲିମ ଦେଇ ସେ ଆଦିବାସୀ ଗାଁକୁ ପଠେଇଲେ । ଖୁଲଣା, ବଲ୍ଲଭୀ, ବୈଦେହୀ, ରାଧାମଣି, ଧୋବୀ, ତୁଳସୀ, ସୀତା, ସବିତା ଏହିପରି କେତେ ଝିଅ ମାଳତୀଙ୍କ ପ୍ରଭାବରେ ଘରର ସୁଖ ସୁବିଧା ଛାଡ଼ି ବାଘ ହାତୀ

Digitized by srujanika@gmail.com

ବଣରେ ରହି ଆଦିବାସୀ ସେବା କାମ କଲେ । ଆଦିବାସୀଙ୍କ ଅବସ୍ଥା ଜାଣିବାକୁ ଗୋତି ପ୍ରଥା ମୁଠାଦାରୀ ପ୍ରଥା ରଦ୍ଦ କରିବାକୁ ମାଳତୀ ଚରକି ପରି ଗରିଆଡ଼େ ବୁଲିଲେ । ବଣ ଜଙ୍ଗଲରେ ବୁଲିବା ବେଳେ ମହାବଳ ବାଘ, ଦନ୍ତାବଳ ହାତୀ ସଙ୍ଗେ ଭେଟ ହୁଏ । ସେଥିକୁ ତାଙ୍କର ଖାତିର ନ ଥାଏ । ସେ ଗୀତ ଗାଇ ଗାଇ ବୁଲନ୍ତି -

"ଦୁର୍ଗମ ଗିରି ବନ କାନନ ବିଦାରି ନବ ଭାବେ ଜାଗ ଜାଗ "

୧୯୪୮ରେ ଗାନ୍ଧିଜୀଙ୍କ ଦେହାନ୍ତ ମାଳତୀଙ୍କୁ ଦୋହଲାଇ ଦେଲା । ତାହାପରେ ତାଙ୍କର ଏକମାତ୍ର ପୁଅର ମଧ୍ୟ ଅକାଳ ବିୟୋଗ ହେଲା । ପୁତ୍ର ବିନାୟକ କୃତିଛାତ୍ର ଥିଲେ । ପୁଣି ନାନାପ୍ରକାର ସମାଜ କଲ୍ୟାଣ କାମରେ ସେ ଯୋଗ ଦେଇଥିଲେ । କଟକ ମେହେନ୍ତର ସଂଘର ବିନାୟକ ଥିଲେ ଅନ୍ୟତମ ପ୍ରତିଷ୍ଠାତା । ମାଳତୀ ଏ ଶୋକକୁ ବରଦାସ୍ତ କରିବା ପାଇଁ ଦେଶର ହଜାର ହଜାର ଶିଶୁଙ୍କ ମଧ୍ୟରେ ନିଜର ମାତୃସ୍ନେହକୁ ବିଞ୍ଚି ଦେଲେ ।

ସନ୍ଥ ବିନୋବା ଆସିଲେ ଭୂଦାନ ଯଜ୍ଞର ବିଚାର ଶୁଣାଇ ଭୂମିହୀନଙ୍କ ପାଇଁ ଭୂମିବାନ୍‌ଙ୍କଠାରୁ ଜମି ଦାନ ନେବାକୁ । ଆମରି ପଡ଼ିଶା ଦେଶ ଚୀନ୍‌ରେ ପରା ଏହି ଜମି ବାଣ୍ଟକୁଣ୍ଟ ପାଇଁ ଲକ୍ଷ ଲକ୍ଷ ଲୋକ ମଲେ । ରୁଷିଆରେ ପରା ଏଇଥି ପାଇଁ ରକ୍ତନଦୀ ବହିଗଲା । ଏହି ଥିଲାବାଲା ନଥିଲାବାଲା ଭେଦଟା ସ୍ନେହ ଶରଧାରେ ତୁଟେଇ ଦେବାକୁ ବିନୋବାଜୀ ଆମକୁ ବୁଝାଇଲେ । ସେ କହିଲେ ପାଣି ପବନ ଖରା ପରି ଏ ଭୂମିକୁ ମଣିଷ ତିଆରି କରି ନାହିଁ । ତେଣୁ ପାଣି ପବନ ଖରା ପରି ଭୂମିକୁ ମଧ୍ୟ ସମସ୍ତେ ଭୋଗ କରିବା ହେଉଛି ଧର୍ମ ।

Digitized by srujanika@gmail.com

ଯେଉଁମାନଙ୍କର ଜମି ଅଛି ସେମାନେ ଭୂମିହୀନଙ୍କୁ ନିଜର ଜଣେ ଭାଇ ବିଚାରି ଗୋଟିଏ ଭାଇଭାଗ ତାଙ୍କୁ ଦେଇ ଦେଲେ ଏ ଥିଲାବାଲା ନ ଥିଲାବାଲା ଭେଦ ଦୂର ହେବ । ଥୋକେ ଅବାଧରେ ବହୁତ ଜମି ଅଧିକାର କରି ବସିବେ ଆଉ ଥୋକେ ଖଟି ଖଟି ସୁଦ୍ଧା ଚାଷ କରିବାକୁ ଜମି ଖଣ୍ଡେ ପାଉ ନଥିବେ - ଏ ବିଷମତା, ଏ ଅଧର୍ମ ଦୂର କରିବାକୁ ହେବ । ବୁଝିବା ଲୋକେ ବିନୋବାଙ୍କ ବିଚାର ବୁଝି ଜମିଦାନ ଦେଲେ । ମାଳତୀ ଦେବୀ ଏହି ଭୂଦାନ କାମରେ ବିନୋବାଙ୍କ ସାଙ୍ଗରେ ବୁଲିଲେ । ଗାଏଁ ଗାଏଁ ଗୀତ ଶୁଭିଲା -

"ଆମ୍ଭକଷି ବଉଳ ଲୋ ଚାଲିଆ ତୁ ସଅଳ
ବିନୋବା ଆସିଛି ଫାଟି ପଡେ ଗାଁଆ ଗହଳ
ଗାଆଁ ମାଟି ଗାଆଁ ଧନ ସବୁ ହେବ ଆମର
ଘରେ ଘରେ ଶୁଭିଲାଣି ଏଇ ନୂଆ ଚହଳ ।
ସଭିଏଁ ପରାଣ ଦେଇ ଆମ ଗାଆଁ ଗଢ଼ିବା
ପଡ଼ିଶାକୁ ପର କରି କିଆଁ ଦୁଃଖ ପାଇବା ।"

ମାଳତୀଙ୍କ ସ୍ୱାମୀ ନବକୃଷ୍ଣ ହୋଇଥାନ୍ତି ଓଡ଼ିଶାର ମୁଖ୍ୟମନ୍ତ୍ରୀ ।ସେ ରହୁଥାନ୍ତି ଭୁବନେଶ୍ୱରରେ । ଭୁବନେଶ୍ୱରରେ କେତେ ଆରାମ, ତେମେ ମଉଜ । ମୁଖ୍ୟମନ୍ତ୍ରୀଙ୍କ ଭାରିଜାଙ୍କର କେତେ ମାନ ସମ୍ମାନ । କିନ୍ତୁ ମାଳତୀ ରୁହନ୍ତି ବାଜି ରାଉତ ଛାତ୍ରାବାସରେ, ଆଦିବାସୀ ପିଲାଙ୍କ ସାଙ୍ଗରେ । ସେ ଅରଟରେ ସୂତା କାଟୁଥାନ୍ତି,ତନ୍ତରେ ଲୁଗା ବୁଣୁଥାନ୍ତି, ବାଡିରେ ଜହ୍ନି, ଭେଣ୍ଡି, କଲରା ଲଗାନ୍ତି । ଆଦିବାସୀଙ୍କ ଗାଁକୁ ଯାଇ ହାନିଲାଭ ବୁଝନ୍ତି । ଛାତ୍ରାବାସ ପିଲାଙ୍କ ସଙ୍ଗେ ସ୍ୱର ମିଳାଇ ବୋଲନ୍ତି -

Digitized by srujanika@gmail.com

'ବୋଉ ଲୋ! ମହୁଲ ଝରେ ମହୁଲ୍ ତଳେ ତଳେ'

ଆଦିବାସୀଙ୍କ ହିତ ପାଇଁ ସରକାର ସଙ୍ଗେ ମୁଖ୍ୟମନ୍ତ୍ରୀଙ୍କ ସଙ୍ଗେ କଳି କରିବାକୁ ଦରକାର ପଡ଼ିଲେ ପଛାନ୍ତି ନାହିଁ।

ଜରୁରୀ କାଳୀନ ଅବସ୍ଥାରେ ଜେଲ ଦଣ୍ଡ

୧୯୭୫ ମସିହା । ଭାରତର ପ୍ରଧାନମନ୍ତ୍ରୀ ଜରୁରୀକାଳୀନ ପରିସ୍ଥିତି ଜାରି କରିଦେଲେ । ଘୋଷଣା କଲେ- ସରକାର ଯାହାକୁ ସନ୍ଦେହ କରିବେ ତାକୁ ଧରି ନେଇ ଜେଲ୍‌ରେ ଠୁକିବେ, ବିଚାର କରିବା ନ କରିବା ସରକାରଙ୍କ ମର୍ଜି । ସଭାସମିତି ମନା ହୋଇଗଲା । ଖବର କାଗଜର ଖବର ସରକାରଙ୍କ ବିନାନୁମତିରେ ଛାପିବା ମନା ହେଲା । ରାତି ଅଧରେ ପୁଲିସ୍ କାହା ଘରେ ପଶି କିଛି ଅନର୍ଥ କଲେ ହାରିଗୁହାରୀ ନାହିଁ । ମାଳତୀ କି ଏହା ବରଦାସ୍ତ କରିବା ଲୋକ ? ସେ କହିଲେ ଉତ୍କଳମଣି ଗୋପବନ୍ଧୁ ଦାସ ଆମକୁ ଘୋଷେଇଲେ -

''ସ୍ୱାଧୀନତା ମାନବର ଜନ୍ମ ଅଧିକାର
ସ୍ୱାଧୀନ ଭାଷଣ ଆଉ ସ୍ୱାଧୀନ ବିହାର
ସ୍ୱାଧୀନ ଜୀବନ ପୁଣି ସ୍ୱାଧୀନ ସମିତି
ଚାରି ସ୍ତମ୍ଭେ ମାନବର ସମାଜ ସଂସ୍ଥିତି ।''

ଏଇ ଅଧିକାର ପାଇବାକୁ ଏତେ ଲଢ଼େଇ ହେଲା । ପୁଣି ଅନ୍ୟାୟ ବିରୋଧରେ ଆମ ମୁହଁ ବନ୍ଦ ହେଲା ! ମାଳତୀ ଜରୁରୀକାଳୀନ ପରିସ୍ଥିତିର ବିରୋଧ କରି ପ୍ରଚାର ପତ୍ର ବାଣ୍ଟିଲେ । ସରକାର ତାଙ୍କ ସ୍ୱାମୀଙ୍କୁ ଧରିନେଇ ଅଜଣା ସ୍ଥାନରେ ରଖିଲେ । ବନ୍ଦୀ ଅବସ୍ଥାରେ ତାଙ୍କର ପକ୍ଷାଘାତ ହୋଇ ଜୀବନ

Digitized by srujanika@gmail.com

ସଂଶୟ ସୃଷ୍ଟି ହେଲା। ତଥାପି ମାଳତୀ ଅଟଳ । ତାଙ୍କୁ ମଧ ଗିରଫ କରି ଖୁଣୀ ଓ ଚୋରଣୀଙ୍କ ସାଙ୍ଗରେ ତିନିମାସ ଅଟକ ରଖିଲେ, ଯେପରି ସେ ମସ୍ତିଷର ଭାରସାମ୍ୟ ହରାଇବେ । ମାଳତୀ ତଥାପି ଦୁର୍ନିବାର ।

ଉତ୍କଳ ଗୌରବ ମଧୁସୂଦନ ଦାସ କହିଥିଲେ -

''ମାଳତୀ ଲତା ଆମ୍ବଗଛରେ ଉଠେ, ମୋଟ ହୁଏ । ଶେଷକୁ ଆମ୍ବ ଗଛକୁ ମାରି ପକାଏ । ଆମ୍ବ ଗଛର ଫଳ କମ୍ ଲୋକ ଖାଉଥିଲେ । ମାଳତୀର ସୁଗନ୍ଧ ପୁଷ୍ପ ସହସ୍ର ଲୋକଙ୍କୁ ମୋହିତ କରୁଅଛି । ଜାତୀୟ ଜୀବନ ଯେତେବେଳେ ବ୍ୟକ୍ତିକୁ ମାଳତୀ ଲତା ପରି ବେଢ଼ି ଧରିବ, ସେତେବେଳେ ବ୍ୟକ୍ତି ମରିବ କିନ୍ତୁ ମାଳତୀର ସୁଗନ୍ଧ ଚାରିଆଡେ ମହକିବ । ନିଜ ସକାଶେ ଜୀବନ ଧାରଣ କରିବା ମନୁଷ୍ୟ ଜୀବନର କଦାପି ଉଦ୍ଦେଶ୍ୟ ନୁହେଁ । ଈଶ୍ୱର ଏ ଉଦ୍ଦେଶ୍ୟରେ କାହାରିକୁ ସୃଷ୍ଟି କରି ନାହାନ୍ତି । ପଶୁ ଓ ମନୁଷ୍ୟର ପ୍ରଭେଦ କ'ଣ ? ପଶୁ ତା'ର ନିଜ ପାଇଁ ସବୁ କରେ । ବ୍ୟକ୍ତିଗତ ଜୀବନ ନ ଛାଡ଼ିଲେ ଜାତୀୟ ଜୀବନ ହେବ ନାହିଁ । ମଞ୍ଜି ବା ଗୋଟୁଆ ପୋତିଲେ ଆଗ ଟାକୁଆ ପଚିଲେ ପଛେ ଗଛ ଉଠିବ । ଟାକୁଆ ନ ପଚିବା ପର୍ଯ୍ୟନ୍ତ ଗଛ ଉଠିବ ନାହିଁ । ସେହିପରି ଯହିଁରୁ ଜାତୀୟ ଜୀବନ ଉଠିବ, ସେ ମରିବ, ପଚିବ, ଗୋଟିଏ ଟାକୁଆ ପଚିଲେ ଲକ୍ଷେ ଆମ୍ବ ଫଳିବ । ଆମ୍ବର ଜାତିରକ୍ଷା ହେଲା କିନ୍ତୁ ଟାକୁଆ ମଲା।''

ମାଳତୀ ଚୌଧୁରୀ ଏହି ରୀତିରେ ନିଜର ବ୍ୟକ୍ତିଗତ ସୁଖ ସ୍ୱାଚ୍ଛନ୍ଦ ଧନ ସମ୍ଭୋଗ, ପାରିତୋଷିକ ପାଇଥିବା ଲକ୍ଷ ଲକ୍ଷ ଟଙ୍କାକୁ ଜଳାଞ୍ଜଳି ଦେଇଛନ୍ତି । ନିଜର ଘରକରଣାକୁ ଉଝେଇ ଦେଇ ଦେଶର ସ୍ୱାଧୀନତା ଓ ଦୁଃଖୀଜନଙ୍କ କଲ୍ୟାଣ ପାଇଁ ଜୀବନକୁ ପାଣି ଛଡ଼େଇ ଦେଇଛନ୍ତି । ଆମ୍ବ ଟାକୁଆ ପଚିଲା

Digitized by srujanika@gmail.com

ପରି ବ୍ୟକ୍ତିଗତ ସୁଖ ସଂପଦ ଲୋପ ପାଇଛି । କିନ୍ତୁ ମାଳତୀଙ୍କ ଦେଶ ହିତକର କାର୍ଯ୍ୟର ସୁଗନ୍ଧରେ ଜାତୀୟ ଜୀବନ ମହକିଛି । ଫୁଲର ସୁଗନ୍ଧ ପ୍ରତି ଆକୃଷ୍ଟ ହୋଇ ଭଅଁର ଯେପରି ଫୁଲ ପାଖକୁ ଧାଇଁ ଆସେ, ସେହିପରି ଅଗଣିତ ସେବକ ସେବିକା ମାଳତୀଙ୍କ ସେବା ସୁଗନ୍ଧ ପ୍ରତି ଆକୃଷ୍ଟ ହୋଇ ଦେଶର କଲ୍ୟାଣ ପାଇଁ ଜୀବନ ଉତ୍ସର୍ଗ କରିଛନ୍ତି, କରୁଛନ୍ତି ....

୧୯୦୪ ମସିହାରେ ତାଙ୍କର ଜନ୍ମ । ଏବେ ତାଙ୍କୁ ତେୟାନବେ ବର୍ଷ ଚାଲୁଛି । ବଣ ପାହାଡ଼ରେ ବୁଲି ଲୋକଙ୍କ ହାନିଲାଭ ବୁଝିବାକୁ ତାଙ୍କ ଗୋଡ଼ରେ ଆଉ ବଳନାହିଁ, କିନ୍ତୁ ମନର ବଳ ତୁଟି ନାହିଁ । ବାଜିରାଉତ ଛାତ୍ରାବାସର ପରିସର ଭିତରେ ଛୋଟିଆ ମାଟିଘରଟିରେ ବସିଛନ୍ତି ସିନା କିନ୍ତୁ ତାଙ୍କ ଆଖି ରହିଛି ସାରା ଭାରତ ଉପରେ । ମନ ମଜ୍ଜି ରହିଛି ଭାରତର ଦୁଃଖ ଦୁର୍ଦ୍ଦଶା, ମାନ ଇଜ୍ଜତର ଚିନ୍ତାରେ । ଓଡ଼ିଶାର ବଢ଼ିମରୁଡ଼ି, ମଦ କାରବାର, ଦେଶ ମୁଖିଆଙ୍କ ଭୋଗବିଳାସ ଅନୀତି ଦୁର୍ନୀତି, ଅନାଚାର ସାଙ୍ଗକୁ ଦେଶ ମୂଲଦୁଆ ଚାଷୀମୂଲିଆଙ୍କ ପ୍ରତି ଅବିଚାର, ଅନାହାର ମୃତ୍ୟୁ କଥା ଶୁଣିଲେ ତାଙ୍କ ରକ୍ତ ତାତି ଉଠୁଛି, ଆଖି ଛଳ ଛଳ ହୋଇଯାଉଛି । ନ ହେବ ବା କିପରି ? ସେ ତ ନିଜ ସେବା ବଳରେ ସମସ୍ତଙ୍କର ''ନୁମା'' ହୋଇଯାଇ ମାତୃସ୍ଥାନରେ ରହିଛନ୍ତି । ସନ୍ତାନର ସୁଖରେ ସୁଖୀ ଦୁଃଖରେ ଦୁଃଖୀ ହେବା ହିଁ ତ ମାଆର ଧର୍ମ ।

Digitized by srujanika@gmail.com

ନବସାକ୍ଷରଙ୍କ ପାଇଁ ନୂଆ ବହି

୧.	ପୁରାଣ କଥା ପଢ଼ିବା ଆସ (ପ୍ରଥମ ଭାଗ)	ଟ.୩-୫୦
୨.	ପୁରାଣ କଥା ପଢ଼ିବା ଆସ (ଦ୍ୱିତୀୟ ଭାଗ)	ଟ.୩-୦୦
୩.	ପୁରାଣ କଥା ପଢ଼ିବା ଆସ (ତୃତୀୟ ଭାଗ)	ଟ.୩-୫୦
୪.	ଫକୀର ମୋହନଙ୍କ କଥା ମାଳା	ଟ.୩-୫୦
୫.	ଗାଁ ଗହଳିରେ ଅଧିକ ରୋଜଗାର ଉପାୟ	ଟ.୪-୫୦
୬.	ଜୟ ଜଗନ୍ନାଥ	ଟ.୩-୫୦
୭.	କଥା ଧାଡ଼ିଏକୁ ଭାବ ଗାଡ଼ିଏ	ଟ୫-୦୦
୮.	ଜନଶିକ୍ଷାରେ ଲୋକ ସାହିତ୍ୟର ଭୂମିକା	ଟ.୬-୦୦

ପ୍ରକାଶକ :

ରାଜ୍ୟ ଜନଶିକ୍ଷା ସାଧନ କେନ୍ଦ୍ର, ଓଡ଼ିଶା
ଓ ଜନଶିକ୍ଷା ଭବନ
ୟୁନିଟ୍-୫, ଭୁବନେଶ୍ୱର-୧

Digitized by srujanika@gmail.com